# NATIONAL NEWS BULLETIN (ODIA)

## 7 August - 2025

### Morning Bulletin : 7.15 A.M.

************************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଏକାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଅଧ୍ୟକ୍ଷତା କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଭାରତକୁ ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟ ପୂରଣ ହୋଇପାରିବ, କହିଲେ ପ୍ରଧାନମନ୍ତ୍ରୀ
- ନିର୍ବାଚନ କମିଶନ ଭଳି ସ୍ୱାୟତ୍ତ ସଂସ୍ଥାର କାର୍ଯ୍ୟଧାରା ଉପରେ ସଂସଦରେ ଆଲୋଚନା କରିବା ନିୟମ ବିରୁଦ୍ଧ, କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ
- ଆଜି ଏମ୍‌ଏସ୍ ସ୍ୱାମୀନାଥନ ଶତବାର୍ଷିକୀ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ମହିଳା ଜାଭିଲିନ୍ ଥ୍ରୋ ରେ ସ୍ୱର୍ଣ୍ଣପଦକ ହାସଲ କଲେ ଭାରତର ଅନୁରାଣୀ

## ପ୍ରେଜ୍-ହାଣ୍ଡଲୁମ୍ ଡେ

ନୂଆଦିଲ୍ଲୀରେ ଆଜି ଏକାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଧ୍ୟକ୍ଷତା କରିବେ । ଦେଶର ଗ୍ରାମାଞ୍ଚଳ ଅର୍ଥନୀତି

ଏବଂ ସାଂସ୍କୃତିକ ବିଭବର ଅନନ୍ୟ ପ୍ରଦର୍ଶନ କରୁଥିବା ଭାରତର ହସ୍ତତନ୍ତ କ୍ଷେତ୍ରର ଅବଦାନକୁ ସମ୍ମାନ ଜଣାଇ ବୟନଶିଳ୍ପ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି । ସମାରୋହରେ ଦେଶର କୋଣଅନୁକୋଣରୁ ୬୫୦ଜଣ ହସ୍ତତନ୍ତ କାରିଗର ଯୋଗ ଦେଉଥିବା ବେଳେ ବିଦେଶୀ କ୍ରେତା, ବିଶିଷ୍ଟ ବ୍ୟକ୍ତି, ରପ୍ତାନୀକାରୀ ଏବଂ ବରିଷ୍ଠ ସରକାରୀ ଅଧିକାରୀମାନେ ଏଥିରେ ଯୋଗଦେବେ । କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରିଟା ଏବଂ ବୟନ ଶିଳ୍ପ ମନ୍ତ୍ରଣାଳୟର ସଚିବ ନିଲମ ସାମିରାଓ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ।

ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରାଯିବ । ସନ୍ଥ କବୀର ପୁରସ୍କାର ସ୍ୱରୂପ ୩ଲକ୍ଷ ୫୦ ହଜାର ଟଙ୍କା ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ।

# ପିଏମ୍-କର୍ତ୍ତବ୍ୟ ଭବନ

ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଭାରତକୁ ଆତ୍ମନିର୍ଭର, ପ୍ରଗତିଶୀଳ ଓ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତକାଲି ନୂଆଦିଲ୍ଲୀର କର୍ତ୍ତବ୍ୟପଥ ଠାରେ ନିର୍ମିତ କର୍ତ୍ତବ୍ୟ ଭବନକୁ ଉଦ୍‌ଘାଟନ କରି ଶ୍ରୀ ମୋଦୀ କହିଛନ୍ତି, ଦେଶରେ ଗତ ୧୧ ବର୍ଷରେ ଭାରତ ଏକ ସ୍ୱଚ୍ଛ, ପ୍ରତିକ୍ରିୟାଶୀଳ ଏବଂ ନାଗରିକକୈନ୍ଦ୍ରିକ ଶାସନ ଢାଞ୍ଚା ନିର୍ମାଣ ହୋଇଛି ।

**V/O (PM Modi on 11 years)**

ପ୍ରଧାନମନ୍ତ୍ରୀ କହିଛନ୍ତି, କର୍ତ୍ତବ୍ୟ ଭବନ ଲୋକତନ୍ତ୍ରର ମୂଳ ଭାବନାକୁ ଉଦ୍‌ଘୋଷିତ କରୁଛି । କର୍ତ୍ତବ୍ୟ ଭବନ କେବଳ ଏକ ଅଟ୍ଟାଳିକା ନୁହେଁ; ଏହା ଅମୃତ କାଳରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ଏବଂ ରାଷ୍ଟ୍ରର ଭବିଷ୍ୟତ ନିର୍ମାଣର ମୂକସାକ୍ଷୀ ବୋଲି ଶ୍ରୀ ମୋଦୀ କହିଛନ୍ତି । କର୍ତ୍ତବ୍ୟ ଭାରତୀୟ ସଂସ୍କୃତିର କର୍ମପ୍ରଧାନରେ ମୂଳମନ୍ତ୍ର । ଏହି ଅଟ୍ଟାଳିକା କୋଟି କୋଟି ଦେଶବାସୀଙ୍କ ସ୍ୱପ୍ନ ସାକାର କରିବାର ତପୋଭୂମି । ନୂଆ ଭବନରେ କର୍ମଚାରୀଙ୍କୁ ଶତ ପ୍ରତିଶତ ଯୋଗଦାନ ଦେବା ସହ ଭାରତକୁ ଦାରିଦ୍ର୍ୟରୁ ସମ୍ପୂର୍ଣ୍ଣ ମୁକ୍ତ କରିବାପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଏକବିଂଶ ଶତାବ୍ଦୀରେ ଦେଶକୁ ବୈଷୟିକ ଜ୍ଞାନ, ସୁରକ୍ଷା ଏବଂ ସୁବିଧାକୁ ଦୃଷ୍ଟିରେ ରଖି ଏହି ଭବନର ନିର୍ମାଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଦେଶରେ ଅଧିକରୁ ଅଧିକ କର୍ତ୍ତବ୍ୟ ଭବନ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଏହି ଭବନର ନିର୍ମାଣଦ୍ୱାରା ଦେଢ଼ ହଜାର କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ଏବଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଓ ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିଛି ।

**V/O (PM Modi on 1500 crore)**

## ଉତ୍ତରାଖଣ୍ଡ-କୈଳାସ ମାନସରୋବର

ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାର ଧାରଚୁଲା ମୂଳ କ୍ୟାମ୍ପରେ କୈଳାସ ମାନସରୋବର ତୀର୍ଥଯାତ୍ରୀଙ୍କର ଚତୁର୍ଥ ଦଳକୁ ଅଟକାଯାଇଛି ।

ଖରାପ ପାଗ ଯୋଗୁଁ ରାସ୍ତାରେ ପ୍ରବଳ ପଥର ଏବଂ ଭଗ୍ନାବଶେଷ ଧସିଯିବା ଫଳରେ ଏହି ପଦକ୍ଷେପ ନିଆଯାଇଛି । ଧାରଚୁଲା ମୂଳ କ୍ୟାମ୍ପରେ ଅଟକା ଯାଇଥିବା ଦଳରେ ୧୪ ଜଣ ମହିଳାଙ୍କ ସମେତ ୪୮ ଜଣ ତୀର୍ଥଯାତ୍ରୀ ଅଛନ୍ତି। ସେମାନେ ଗତକାଲି ଗୁଞ୍ଜୀରେ ପହଞ୍ଚିବେ ବୋଲି ଆଶା କରାଯାଉଥିଲା । ଏବଂ ୨ ରାତ୍ରି ବିଶ୍ରାମ ନେବା ପରେ ଲିପୁଲେଖ ଘାଟ ଦେଇ କୈଳାସ ମାନସରୋବର ଅଭିମୁଖେ ଆଗକୁ ଯାତ୍ରା କରିବେ ବୋଲି ସୂଚନା ମିଳିଛି ।

କୈଳାସ ମାନସରୋବର ଯାତ୍ରା ଜୁନ୍ ମାସରେ ଆରମ୍ଭ ହୋଇଥିଲା ଏବଂ ଚଳିତ ମାସରେ ଏହା ଶେଷ ହେବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ଟି ଦଳକୁ ଉତ୍ତରାଖଣ୍ଡ ମଧ୍ୟ ଦେଇ ଲିପୁଲେଖ ଘାଟି ଅତିକ୍ରମ କରି ଯିବାକୁ ଅନୁମତି ମିଳିଥିଲା । ପ୍ରତ୍ୟେକ ଦଳରେ ୫୦ଜଣ ଲେଖାଏଁ ତୀର୍ଥଯାତ୍ରୀଙ୍କୁ ଅନୁମତି ମିଳିଥିବା ବେଳେ ମୋଟ୍ ୧୦ଟି ଦଳ ମାନସରୋବରକୁ ଯାତ୍ରା କରିବେ ବୋଲି ସୂଚନା ମିଳିଛି।

## ପାର୍ଲାମେଣ୍ଟ ଆଡଜର୍ଣ୍ଣ

ଗତକାଲି ବିରୋଧୀଦଳ ଗୁଡ଼ିକ ବିହାରରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ସଂସଦର ଉଭୟ ଗୃହରେ ହଟ୍ଟଗୋଳ କରିବାରୁଉଭୟ ଲୋକସଭା ଓ ରାଜ୍ୟସଭାକୁ ଦିନସାରା ମୁଲତବୀ ରଖାଯାଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ସାଂସଦମାନଙ୍କ ପ୍ରତିବାଦ ଉପରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ସାମ୍ବିଧାନିକ ଏବଂ ସଂସଦୀୟ ପ୍ରକ୍ରିୟା ଓ ନିୟମ ଅନୁଯାୟୀ ସରକାର ପ୍ରତ୍ୟେକ

ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ସେ କହିଛନ୍ତି ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ଏହା ଉପରେ ଗୃହରେ ଆଲୋଚନା ହୋଇପାରିବ ନାହିଁ । ସେ କହିଛନ୍ତି ନିର୍ବାଚନ କମିଶନ ଭଳି ସ୍ୱାୟତ୍ତ ସଂସ୍ଥାର କାର୍ଯ୍ୟ ଉପରେ ଆଲୋଚନା କରିବା ନିୟମ ବିରୁଦ୍ଧ ।

## ବ୍ରାଜିଲ୍-ଟ୍ରମ୍ପ ଟ୍ୟାକ୍ସ

ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଜନାସିଓ ଲୁଲା ଡା ସିଲ୍ଭା' ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ବିଭିନ୍ନ ଦେଶ ଉପରେ ବସାଯାଉଥିବା ବର୍ଦ୍ଧିତ ଶୁଳ୍କ ବିରୁଦ୍ଧରେ ଭାରତ ସମେତ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଛନ୍ତି । ସେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି ।

## ପିଏମ୍-ସେଣ୍ଟନାରୀ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏମ୍.ଏସ୍. ସ୍ୱାମୀନାଥନ ଶତବାର୍ଷିକୀ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଏକ ସମାବେଶକୁ ସମ୍ବୋଧନ କରିବା ସହ ଖାଦ୍ୟ ଏବଂ ଶାନ୍ତି ପାଇଁ ପ୍ରଥମ ଏମ୍.ଏସ୍. ସ୍ୱାମୀନାଥନ ପୁରସ୍କାର ପ୍ରଦାନ କରିବେ। ଆଜିର ସମ୍ମିଳନୀର ବିଷୟବସ୍ତୁ ରହିଛି **ଜୈବ ଖୁସିର ପଥ ଚିରହରିତ ବିପ୍ଳବ ।**

ଏହି ପୁରସ୍କାର ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ଫାଉଣ୍ଡେସନ ଏବଂ ବିଶ୍ୱ ବିଜ୍ଞାନ ଏକାଡେମୀ ଦ୍ୱାରା ଏମ୍.ଏସ୍. ସ୍ୱାମୀନାଥନଙ୍କ ଐତିହ୍ୟକୁ ସମ୍ମାନ

ଜଣାଇବା ପାଇଁ ଆରମ୍ଭ କରାଯାଇଛି । ଏହି ଅନ୍ତର୍ଜାତୀୟ ପୁରସ୍କାର ବିକାଶଶୀଳ ଦେଶଗୁଡ଼ିକର ବ୍ୟକ୍ତିବିଶେଷଙ୍କୁ ସ୍ୱୀକୃତି ପ୍ରଦାନ କରିବ, ଯେଉଁମାନେ ଖାଦ୍ୟ ସୁରକ୍ଷାରେ ଉନ୍ନତି ଆଣିବା ସହ ଜଳବାୟୁ, ସମାନତା ଏବଂ ଶାନ୍ତିକୁ ପ୍ରୋତ୍ସାହିତ କରିବାରେ ଅବଦାନ ଦେଉଛନ୍ତି । ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବୈଜ୍ଞାନିକ, ନୀତିନିର୍ଦ୍ଧାରକ, ବୃତ୍ତିଗତ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଆଲୋଚନା ଓ ବିଚାରବିମର୍ଶ କରିବେ । ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସାରା ବିଶ୍ୱର ଲୋକମାନେ ଡକ୍ଟର ସ୍ୱାମୀନାଥନଙ୍କ ଖାଦ୍ୟ ସୁରକ୍ଷା ଏବଂ କୃଷିକ୍ଷେତ୍ରରେ ଗବେଷଣା ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି ।

## ଏନ୍‌ଏସ୍‌ଏ-ରୁଷ

ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ୍ ରୁଷର ବରିଷ୍ଠ ଅଧିକାରୀମାନଙ୍କ ସହ ଭାରତ-ରୁଷର ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ସମ୍ପର୍କରେ ଆଲୋଚନା କରିଛନ୍ତି ।  ଭାରତ ରୁଷରୁ ତୈଳ କ୍ରୟ କରୁଥିବା ଯୋଗୁଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ବୃଦ୍ଧି କରିବା ନେଇ ଘୋଷଣା କରିଥିଲେ । ଏହି ପରିପ୍ରେକ୍ଷୀରେ ରୁଷ ଅଧିକାରୀମାନଙ୍କ ସହ ଶ୍ରୀ ଡୋଭାଲ୍ ଆଲୋଚନା କରିଥିଲେ । ଭାରତ-ରୁଷ ମଧ୍ୟରେ ସହଯୋଗ ସ୍ଥାପନ ତ୍ୱରାନ୍ୱିତ କରିବା ଶ୍ରୀ ଡୋଭାଲ୍‌ଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ । ଶ୍ରୀ ଡୋଭାଲ୍ ମଧ୍ୟ ପ୍ରତିରକ୍ଷା ଶିଳ୍ପ ସହଯୋଗ ସଂକ୍ରାନ୍ତରେ ଆଲୋଚନା କରିବାର ସମ୍ଭାବନା ରହିଛି ।

# ଆଥ୍‌ଲେଟିକ୍ସ

ପୋଲାଣ୍ଡରେ ଚାଲିଥିବା ଅନ୍ତର୍ଜାତୀୟ ଓ୍ୱିସ୍‌ଲ୍ ମାନିଆକ୍ ମେମୋରିଆଲ୍ ପ୍ରତିଯୋଗିତାରେ ମହିଳା ଜାଭେଲିନ୍ ଥ୍ରୋରେ ଭାରତର ଅନୁରାଣୀ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ୩୨ ବର୍ଷୀୟ ଅନୁରାଣୀ ପ୍ରଥମ ପ୍ରୟାସରେ ୬୦ ଦଶମିକ ୯/୬ ମିଟର ଫିଙ୍ଗିଥିବା ବେଳେ ଦ୍ୱିତୀୟ ପ୍ରୟାସରେ ୬୨ ଦଶମିକ ୫/୯ ମିଟର ଫିଙ୍ଗି ଏହି ସଫଳତା ହାସଲ କରିଛନ୍ତି । ପ୍ରତିଯୋଗିତାରେ ତୁର୍କୀର ପ୍ରତିଯୋଗୀ ରୌପ୍ୟ ପଦକ ଏବଂ ଅଷ୍ଟ୍ରେଲିଆର ପ୍ରତିଯୋଗୀ କାଂସ୍ୟ ପଦକ ଜିତିଛନ୍ତି । ଏହି ସଫଳତା ପରେ ଅନୁରାଣୀ ବିଶ୍ୱର ଶ୍ରେଷ୍ଠ ୧୫ ଜଣିଆ ମହିଳା ଜାଭେଲିନ୍ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ।

ସେହିପରି ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଭାରତ ପୂଜା ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

# ଓ୍ୱାର୍ଲଡ ଗେମ୍-୨୦୨୫

ଚୀନ୍‌ର ଚେଙ୍ଗଡୁରେ ଆଜିଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱ କ୍ରୀଡ଼ା-୨୦୨୫ରେ ଅଂଶ ଗ୍ରହଣ କରିବା ଲାଗି ଏକ ୧୮ ଜଣିଆ ଭାରତୀୟ ଦଳ ଚୀନ୍ ଗସ୍ତ କରିଛନ୍ତି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୯୮୧ ମସିହାରୁ ପ୍ରତି ୪ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ବିଶ୍ୱ କ୍ରୀଡ଼ାରେ ଅଲମ୍ପିକ୍ସରେ ଅନ୍ତର୍ଭୁକ୍ତ ନ ଥିବା କ୍ରୀଡ଼ା ପ୍ରଦର୍ଶନ କରାଯାଏ । ଚଳିତବର୍ଷ ବିଶ୍ୱକ୍ରୀଡ଼ା ୨୦୨୫ରେ ୬୦ଟି ବିଭାଗରେ ୩୪ଟି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ ଓ ୨୫୩ଟି ପଦକ ପ୍ରଦାନ କରାଯିବ ।

୧୯୮୧ ମସିହାରୁ ପ୍ରଥମ ସଂସ୍କରଣରୁ ଭାରତ ବିଶ୍ୱକ୍ରୀଡ଼ାରେ ଅଂଶ ଗ୍ରହଣ କରିଆସିଛି ଏବଂ ଏପର୍ଯ୍ୟନ୍ତ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ହାସଲ କରିଛି । ୨୦୧୩ ମସିହାରେ ଭାରତର ଆଦିତ୍ୟ ମେହେଟ୍ଟା ବିଲିୟାର୍ଡସରେ ଏକମାତ୍ର ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ଚଳିତଥର ଭାରତ ତୀର ଚାଳନା, ବିଲିୟାର୍ଡସ, ରୋଲର ସ୍କେଟିଙ୍ଗ୍, ଉସୁ ଏବଂ ର୍ୟାକେଟ୍ ବଲ୍‌ରେ ଅଂଶ ଗ୍ରହଣ କରିବ ।